


ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା, ହିଂସାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
-ସାମବେଦ

## ସଂକ୍ଷେପରେ

### ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ଜୟପୁର,୨୫।୬(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥ ରେଳଧାରଣା ଓଭରବ୍ରିଜରେ ଜଣେ ଯୁବକ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ଅପରାହ୍ନ ସାଢେ ୫ଟାରେ ଏଭଳି ଘଟିଥିଲେ ସୁଦ୍ଧା ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାହିଁ। କିନ୍ତୁ ମୃତକ ଜଣକ ଜୟପୁର ସହରର ଭୁପତି ସାହିର କେ. ଶ୍ରୀନିବାସ (୩୫) ବୋଲି ତାଙ୍କ ଭାଇ କେ. ପ୍ରସାଦ ଚିହ୍ନଟ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଯୁବକ ଜଣକ ବିବାହିତ। ମଙ୍ଗଳବାର ତାଙ୍କର ଜନ୍ମଦିନ ହୋଇଥିବା ବେଳେ କୌଣସି କଥାକୁ ନେଇ ମାନସିକ ଅଶାନ୍ତି ଯୋଗୁ ଅପରାହ୍ନରେ ସେ ମାଲବାହୀ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

### ଦିବ୍ୟାଙ୍ଗ ଆଲିଫଙ୍କୁ ମିଳିଲା ସରକାରୀ ସହାୟତା



ଦଶମନ୍ତପୁର,୨୫।୬(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ପରଜା ବେଡ଼ାପଦର ପଞ୍ଚାୟତ ଆଦିବାସୀ ସାହିର ଧନୁ ମୁଦୁଲିଙ୍କ ପୁଅ ଆଲିଫଙ୍କୁ ସରକାରୀ ସହାୟତା ମିଳିଛି। ଆଲିଫଙ୍କୁ ବ୍ଲକ ପକ୍ଷରୁ ତିନି ଚକିଆ ସାଇକେଲ ମିଳିଛି। ଏହାଛଡ଼ା ତାଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଳ ଦିଆଯିବା ବ୍ୟବସ୍ଥା ମଧ କରାଯାଇଛି। ପ୍ରକାଶ ଯେ, ଆଲିଫ୍ ୯୦ ପ୍ରତିଶତ ଦିବ୍ୟାଙ୍ଗ ଥିବା ସତ୍ତ୍ୱେ ତାଙ୍କୁ କୌଣସି ସରକାରୀ ସହାୟତା ମିଳୁ ନ ଥିଲା। ଏ ନେଇ ୨୫ ତାରିଖ ମଙ୍ଗଳବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତାଙ୍କୁ ସହାୟତା ପ୍ରଦାନ କରିବାକୁ ଆଗେଇ ଆସିଛି। ଆର୍‌ବିଏସ୍‌କେ ୟୁନିଟ୍-୧ ଡାକ୍ତର ମାନସ ରଞ୍ଜନ ପଣ୍ଡା, ପ୍ରମିଳା ପାଣିଗ୍ରାହୀ ଆଲିଫଙ୍କୁ ଭେଟିଥିଲେ। ପରେ ପରଜା ବେଡାପଦର ପଞ୍ଚାୟତର କ୍ଲଷ୍ଟର କୋଅର୍ଡିନେଟର ମୋନାଲିସା ଖରା ଆଲିଫଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଏକ ତିନି ଚକିଆ ସାଇକେଲ ପ୍ରଦାନ କରିଛନ୍ତି। ଏହାଛଡ଼ା ତାଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ କରାଯାଇଥିବା ନେଇ ଏସ୍‌ଇଓ କାର୍ତ୍ତିକ ପାଢ଼ୀ ସୂଚନା ଦେଇଛନ୍ତି। ଆଲିଫଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ କରାଯାଇ ୧୦କେଜି ଚାଉଳ ମାସିକ ପ୍ରଦାନ କରାଯିବ ବୋଲି ଯୋଗାଣ ନିରୀକ୍ଷଣ ଅଧିକାରୀ ପ୍ରଭାସ ରଞ୍ଜନ ଶତପଥୀ କହିଛନ୍ତି।

### କରାଟେ ବେଲ୍‌ଟ ବିତରଣ ଉତ୍ସବ



ସୁନାବେଡ଼ା,୨୫।୬(ଡି.ଏନ୍.ଏ.): କୋରାପୁଟ ଜିଲା ସେମିଳିଗୁଡ଼ାସ୍ଥିତ ଫିଟ୍ କିଡ୍‌ସ ଏକାଡେମୀ ପକ୍ଷରୁ କରାଟେ ବେଲ୍‌ଟ ବିତରଣ କରାଯାଇଛି। ମୁଖ୍ୟ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ଶୁଭଶ୍ରୀ ମଲ୍ଲିକ ଉପସ୍ଥିତ ଥିଲେ। ଆତ୍ମସୁରକ୍ଷା ପାଇଁ କରାଟେର ଆବଶ୍ୟକତା ସମ୍ବନ୍ଧରେ ସେ ବକ୍ତବ୍ୟ ରଖିଥିଲେ। ସଂସ୍ଥା ନିର୍ଦ୍ଦେଶକ ତଥା ମୁଖ୍ୟ ପ୍ରବନ୍ଧକ ଆନନ୍ଦ ମୌଳି ପଟ୍ଟନାୟକ ଆତ୍ମସୁରକ୍ଷା ସହଯୋଗ ଏବଂ ଅନ୍ୟ ଶିକ୍ଷା ସମ୍ବନ୍ଧରେ ଭାଷଣ ଦେଇଥିଲେ। ଏହି ଅବସରରେ ଦିବାକର ଶାହା, ଋତୁରାଜ ତ୍ରିପାଠୀ, ସମ୍ପୂର୍ଣ୍ଣା ଦାସ, ପ୍ରୀତମ, ଆଦିତ୍ୟ, ଧର୍ମେନ୍ଦ୍ର ଏବଂ ସାଗରିକାଙ୍କ ସମେତ ୧୦ ଜଣଙ୍କୁ ବ୍ରାଉନ୍ ବେଲ୍‌ଟ ମିଳିଛି। ସେହିଭଳି ୧୫ଜଣଙ୍କୁ ୟେଲୋ, ୮ଜଣଙ୍କୁ ଅରେଞ୍ଜ, ୧୫ଜଣଙ୍କୁ ଗ୍ରୀନ, ୧୦ଜଣଙ୍କୁ ବ୍ଲୁ ବେଲ୍ଟ ମିଳିଛି। ଶେଖ୍ ଇବ୍ରାହିମ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ନେହା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଦୀପ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ରବିମଣ୍ଡିରେ ଅବ୍ୟବସ୍ଥା, ତେଜୁଛି ଅସନ୍ତୋଷ

■ ସହକାରୀ ଜିଲାପାଳଙ୍କୁ ଦାବି ଜଣାଇଲେ ପଲକାପୁଟର ଚାଷୀ

ଜୟପୁର,୨୫।୬(ନି.ପ୍ର.)

କୋରାପୁଟ ଜିଲା ଜୟପୁର ଉପଖଣ୍ଡରେ ରବି ମଣ୍ଡି ଆରମ୍ଭ ହେବା ଦିନଠାରୁ ବିବାଦ ପିଛା ଛାଡୁନାହିଁ। ମଙ୍ଗଳବାର ଜୟପୁର ବ୍ଲକ ପଲକାପୁଟ ଅଞ୍ଚଳରେ ଚାଷୀମାନେ ମଣ୍ଡିରେ ଅବ୍ୟବସ୍ଥା ନେଇ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ପଲକାପୁଟରେ ମଣ୍ଡିର କୌଣସି ଭିତ୍ତିଭୂମି ନାହିଁ। ଅଙ୍ଗନୱାଡ଼ି କେନ୍ଦ୍ର ବାରଣ୍ଡାରେ ଏହା ଚାଲୁଛି। ମୌସୁମୀ ବର୍ଷା ପରେ ସେଠାରେ ଆଣ୍ଠୁଏ କାଦୁଅ ଓ ବର୍ଷାପାଣି ଜମି ରହିଛି। ମଣ୍ଡିରେ ଧାନ ରଖିବାକୁ ପିଣ୍ଡି କି ଅନ୍ୟ ବ୍ୟବସ୍ଥା ନାହିଁ। ଏଭଳି ଅଭିଯୋଗ ନେଇ ଚାଷୀମାନେ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଜ୍ୟୋତିରାଣୀ ରଥଙ୍କୁ ଭେଟିଛନ୍ତି। ଅଭିଯୋଗ ପାଇବା



ସହକାରୀ ଜିଲାପାଳଙ୍କୁ ଭେଟି ଆଲୋଚନା କରୁଛନ୍ତି ଚାଷୀ।

ମାତ୍ରେ ସେ ଅତିରିକ୍ତ ଯୋଗାଣ ଅଧିକାରୀ ରବି ନାରାୟଣ ନନ୍ଦଙ୍କୁ ଫୋନ୍ କରି ସମସ୍ୟାର ସମାଧାନ ପାଇଁ କହିଛନ୍ତି।

ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଧାନ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ସରକାରୀ ଦର ଧାର୍ଯ୍ୟ ଥିବାବେଳେ ଦଲାଲମାନେ ଘରକୁ ଘର ଯାଇ ୧୨ କିମ୍ବା ୧୩ ଶହ ଟଙ୍କାରେ ଧାନ ଉଠାଇବା ସହ କୁଇଣ୍ଟାଲ ପିଛା ଅଧିକ ୫ କେଜି ଧାନ ନେଉଛନ୍ତି। ଏପଟେ ପ୍ରଶାସନ ଧାନ ଉଠାଇବାକୁ ଡେରି କରୁଥିବା ବେଳେ ଆର୍ଥିକ ଅନଟନରେ ଥିବା ଚାଷୀମାନେ ବାଧହୋଇ ଦଲାଲଙ୍କ ହାତରେ ଧାନ ଟେକିଦେଉଛନ୍ତି। ଗତ ୧୮ ତାରିଖରୁ ଜୟପୁର ବ୍ଲକର ଅନ୍ତା ମଣ୍ଡିରେ ଚାଷୀଙ୍କ ଧାନ କିଣାଯାଇ ନାହିଁ। ସେଠାରେ ୫ ହଜାର କୁଇଣ୍ଟାଲ ଧାନ କିଣାଯିବାର ଥିଲା। ବର୍ଷା ଆସିବା ପରେ ଆତଙ୍କିତ ଚାଷୀ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଥିଲେ। ପରେ ଉପଜିଲାପାଳ ଓ ଯୋଗାଣ ଅଧିକାରୀ ମଣ୍ଡିରେ ପହଞ୍ଚିବା ପରେ ଧାନ ଉଠିଥିଲା। ସେହିପରି ଗତ ୨୩ ତାରିଖରେ ବ୍ଲକର ବଡ଼ଜିଉନା ମଣ୍ଡିରେ ଚାଷୀମାନେ ୨ ଦିନ ଧରି ଧାନ ରଖିବା ପରେ ମଧ ପ୍ରଶାସନ କି ମିଲର ଆସି ନଥିଲେ। ସେଠାରେ ମଧ ମଣ୍ଡିରୁ ଧାନ ଶୀଘ୍ର ଉଠାଇବା ଦାବିକରି ଶତାଧିକ ଚାଷୀ ସିଏସ୍‌ଓଙ୍କ କାର୍ଯ୍ୟାଳୟ ଘେରିଥିଲେ। ସେଠାରେ ପ୍ରାୟ ୪ ହଜାର କୁଇଣ୍ଟାଲ ଧାନ ପଡ଼ିରହିଥିଲା। ଆସନ୍ତା ୩୦ ତାରିଖ ରବି ମଣ୍ଡି ଶେଷ ହେବାକୁ ଥିବାବେଳେ ପ୍ରଶାସନ କେବେ ଧାନ କିଣି ଟଙ୍କା ଦେବ, ତାହା ହିଁ ବଡ଼ ପ୍ରଶ୍ନ।

# ରାଜଧାନୀ ଯିବାବେଳେ ଧରାପଡ଼ିଲା ଗଞ୍ଜେଇ ଭର୍ତ୍ତି କାର୍



ଜବତ ଗଞ୍ଜେଇ ଓ କାର୍ ଏବଂ ଗିରଫ ଅଭିଯୁକ୍ତମାନେ।

ନନ୍ଦପୁର,୨୫।୬(ଡି.ଏନ୍.ଏ.)

ରାଜଧାନୀ ଭୁବନେଶ୍ୱର ଯାଉଥିବା ଏକ ଗଞ୍ଜେଇ ଭର୍ତ୍ତି କାର୍ ଜବତ କରିଛି ନନ୍ଦପୁର ପୋଲିସ। ମଙ୍ଗଳବାର ସକାଳ ୬ଟାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ନିକଟରେ ଏକ କାର (ଓଡି୦୭ ଡି ୩୩୩୯)କୁ ଅଟକା ଯାଇଥିଲା। ଯାଞ୍ଚ କରାଯିବା ବେଳେ ସେଥିରୁ ୭୯ କେଜି ଗଞ୍ଜେଇ ଓ କାର୍‌କୁ ଜବତ ସହ ଡ୍ରାଇଭରଙ୍କୁ ଗିରଫ କରିଥିଲା ପୋଲିସ। ଗିରଫ ଡ୍ରାଇଭର ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଡଙ୍ଗରପଡ଼ା ଗ୍ରାମର ସଞ୍ଜୀବ ଆଲିଆସ ମିଲୁ ବିଶ୍ୱାଳ ବୋଲି ଜଣାପଡ଼ିଛି। ଜବତ ଗଞ୍ଜେଇ ଜଲାପୁଟ ଅଞ୍ଚଳରୁ ରାଜଧାନୀ ଭୁବନେଶ୍ୱରକୁ ଯାଉଥିବା ପୋଲିସ କହିଛି। ତହସିଲଦାର ସୀମାଞ୍ଚଳ ପାତ୍ରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇ କେସ୍ ନମ୍ବର ୩୦/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଏନ୍‌ଡିପିଏସ୍ ଆକ୍ଟରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତ ଅଧିକାରୀ କିଶୋର ଚନ୍ଦ୍ର ଚୌଧୁରୀ କହିଛନ୍ତି। ଚଢ଼ାଉ ବେଳେ ଏସ୍‌ଆଇ ବିଘ୍ନରାଜ ଭତରା, ଏଏସ୍‌ଆଇ ଯତୀନକାନ୍ତ ପ୍ରଧାନ, ଦୀପକ ନାୟକ ସାମିଲ ଥିଲେ।

# ୨ କାର୍ ସହ ଗଞ୍ଜେଇ ଜବତ

■ ଗିରଫ ୮ ଜଣଙ୍କ ଭିତରେ ରାଜ୍ୟ ବାହାରର ୩

ଜୟପୁର,୨୫।୬(ଡି.ଏନ୍.ଏ./ନି.ପ୍ର.)

ଜୟପୁର ଟାଉନ ଓ ବୈପାରୀଗୁଡ଼ା ଥାନା ପକ୍ଷରୁ ପୃଥକ୍ ଚଢ଼ାଉ କରାଯାଇ ୭୬ କିଲୋ ୬୦୦ ଗ୍ରାମ ଗଞ୍ଜେଇ ଓ ୨ଟି କାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ୩ ଜଣ ଆନ୍ତଃରାଜ୍ୟ ଚାଲାଣକାରୀଙ୍କ ସମେତ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ।

ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଜୟପୁର ଟାଉନଥାନା ପୋଲିସ ୩୨୬ ନମ୍ବର ଜାତୀୟ ରାଜପଥର ହାତୀଶାଳ ନିକଟରେ ଚଢ଼ାଉ କରି ଗୋଟିଏ କାର (ଓଡି୦୭ ଏ ୫୯୯୫)ରେ ଥିବା ୨ଟି ପଲିଥିନ ବସ୍ତାରୁ ୩୯ କିଲୋ ୬ ଶହ ଗ୍ରାମ ଗଞ୍ଜେଇ, ୫ଟି ମୋବାଇଲ, ୧୭୭୦ ଟଙ୍କା, ୫ଟି ଏଟିଏମ୍ କାର୍ଡ, ଗୋଟିଏ ଡ୍ରାଇଭିଂ ଲାଇସେନ୍ସ ଜବତ କରିଛି। ଚାଲାଣ ଅଭିଯୋଗରେ ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ସହର ସୁଖଦେବ ନଗର ଆରମୁର ବିକାଶ ସିଂ (୩୨), ଦିଲ୍ଲୀର ତିଲକ ନଗର ଥାନା ନ୍ୟୁ ମହାବୀର ନଗରର ପରେଶ ମଲହୋତ୍ରା (୨୭), ଉତ୍ତରପ୍ରଦେଶ ସାମିଳି ଜିଲା ଆଦର୍ଶ ମଣ୍ଡି ଥାନା ନ୍ୟୁ ବସ୍ତିର ସନ୍ଦିପ ପାଞ୍ଚୋଲ (୩୦), କୋରାପୁଟ ଜିଲା ପାଡୁଆ ଥାନା କୁଟିପୁଟ ଗ୍ରାମର ସୁରେଶ ଆନ୍ତରୁ (୨୪)ଙ୍କୁ ଗିରଫ କରାଯାଇଛି। ଏନ୍‌ଡିପିଏସ୍ ଧାରା ଅନୁଯାୟୀ କେସ୍ ନଂ ୧୩୩/୧୯ରେ ଏକ ମାମଲା ରୁଜୁ କରାଯାଇଛି।

ସେହିପରି ବୈପାରୀଗୁଡ଼ା-ଜୟପୁର ରାସ୍ତାର କୋଟା ଛକ ନିକଟସ୍ଥ ଲୁହାପୋଲ ନିକଟରେ ରାତି ୧୧ଟାରେ ଏକ କାର୍ (ଓଆର ୦୧ଜି ୨୫୫୫)କୁ ଅଟକାଇ ଯାଞ୍ଚ କରାଯିବା ବେଳେ ୭ଟି ପଲିଥିନ ପ୍ୟାକେଟ୍‌ରେ ୩୫ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ୪ଜଣ ଅଭିଯୁକ୍ତ ନନ୍ଦପୁର ଥାନା ହିକିମପୁଟ ଗ୍ରାମର ସୁରେଶ ଖେମୁଣ୍ଡୁ (୩୫), ଯୋଗେନ୍ଦ୍ର ଖେମୁଣ୍ଡୁ (୨୫), ସୁଶାନ୍ତ ପାଙ୍ଗି (୧୯), ପାଡୁଆ ଥାନା ବାଲଡା ଗ୍ରାମର ଈଶ୍ୱର ହନ୍ତାଳ (୩୦)ଙ୍କୁ ଗିରଫ କରିଥିଲା ପୋଲିସ। ସେମାନଙ୍କ ନିକଟରୁ ୪ଟି ମୋବାଇଲ, ୨୫୦୦ ଟଙ୍କା, ଏଟିଏମ୍ ଓ ପାନ୍ କାର୍ଡ ଜବତ ହୋଇଥିଲା। ଏନେଇ ବୈପାରିଗୁଡ଼ା ଥାନାରେ କେସ୍ ନଂ ୮୯/୧୯ରେ ଏକ ମାମଲା ରୁଜୁ କରାଯାଇଥିବା ଜୟପୁର ଏସ୍‌ଡିପିଓ ସାଗରିକା ନାଥ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

### ନିମ୍ନମାନର ହେଉଛି ରାସ୍ତାକାମ ବିଡିଓଙ୍କୁ ଭେଟି ଦାବି ଜଣାଇଲେ ଗ୍ରାମବାସୀ

ବନ୍ଧୁଗାଁ,୨୫।୬(ଡି.ଏନ୍.ଏ.)

ବନ୍ଧୁଗାଁ ବ୍ଲକରେ ଏନ୍‌ବିସିସି କମ୍ପାନୀ ପକ୍ଷରୁ ସନପଲଗଣ୍ଡାରୁ ଡିମିରିଗୁଡ଼ା ଦେଇ ଜାଙ୍ଗିଡ଼ିବାଲାସା ପର୍ଯ୍ୟନ୍ତ ପିଚୁ ରାସ୍ତା ଓ ବ୍ରିଜ କାମ କରାଯାଉଛି। ଏବେ କିନ୍ତୁ ବ୍ରିଜ କାମ ବନ୍ଦ ରହିଥିବାବେଳେ ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। କାର୍ଯ୍ୟସ୍ଥଳରେ ଯେଉଁ ସୂଚନା ଫଳକ ଲଗାଯାଇଛି, ସେଥିରେ କେତେ ଟଙ୍କା ବ୍ୟୟ ଅଟକଳରେ ଏହି ନିର୍ମାଣ ଚାଲିଛି ତାହାର କୌଣସି ସୂଚନା ନାହିଁ। ଏ ନେଇ ଗ୍ରାମବାସୀ ବିଡିଓ ମନୋଜ ନାୟକଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଆଲଗଡ଼ା ଚକଠାରୁ କାପୁଲଡ଼ା ଗ୍ରାମଦେଇ ପି. ସିଲାବାଡି ପର୍ଯ୍ୟନ୍ତ ପିଚୁରାସ୍ତା ତିଆରି ହେଉଛି। କିନ୍ତୁ ଏହି କାମ ପାଖରେ ଲଗାଯଇଥିବା ସୂଚନା ଫଳକରେ ଏହାର ବ୍ୟୟ ଅଟକଳ ସମ୍ବନ୍ଧରେ କୌଣସି ସୂଚନା ନାହିଁ। ସେହିଭଳି ରାସ୍ତା ଖୋଳାଯାଇ ବାହାରୁଥିବା ମାଟି ଉପରେ ହିଁ ପିଚୁ ପକାଯାଉଛି। ଏଥିରେ କୌଣସି ପ୍ରକାର ମେଟାଲ ଓ ମୋରମ ବ୍ୟବହାର କରାଯାଉ ନାହିଁ। ପିଚୁର ଏକ ପତଳା ଆସ୍ତରଣ ପକାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଗାଈଗୋରୁ ଗଲେ ମଧ ରାସ୍ତା ଖୋଳି ହୋଇଯାଉଛି। ରାସ୍ତା କାମରେ କ'ଣ ପାଇଁ ମେଟାଲ ଓ ଚିପ୍‌ସ ବ୍ୟବହାର କରାଯାଉନି ବୋଲି ପଚାରିବାରୁ ଆମକୁ କେବଳ ମାଟି ଉପରେ ପିଚୁ ପକାଇବାକୁ ନିର୍ଦ୍ଦେଶ ରହିଛି ବୋଲି ସେ କହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡ଼ିମିରିଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ବ୍ରିଜ କାମ ପାଇଁ ଚିପ୍‌ସ, ମେଟାଲ ଅଣାଯାଇଥିଲା। କିନ୍ତୁ କୌଣସି କାରଣରୁ ଏହାକୁ ସେଠାରୁ ଉଠାଯାଇଛି ବୋଲି ସରପଞ୍ଚ ଗୁମ୍ପା କାଡ୍ରାକା, ସମିତି ସଭ୍ୟ ପାରମ୍ ହିମିରିକା, ୱାର୍ଡସଭ୍ୟ ଆଗାମା ହିମିରିକା, ପିଡିକା ନାରାୟଣ, ରାମମୂର୍ତ୍ତି ପୁସିକାଙ୍କ ସମେତ କାପୁଲଡ଼ା ଓ ପି.ସିଲାବାଡ଼ି ଗ୍ରାମବାସୀ ବିଡ଼ିଓଙ୍କୁ ଭେଟି ରାସ୍ତା ଦୁରାବସ୍ଥା ଫଟୋ ଉଠାଇ ବିଡିଓଙ୍କୁ ଦେଖାଇଥିଲେ। ଜିଲାପାଳଙ୍କୁ ଏ ସମ୍ବନ୍ଧରେ ଜଣାଇବେ ବୋଲି ବିଡିଓ କହିଛନ୍ତି।

# ଜମି ଅଧିଗ୍ରହଣ ପାଇଁ ନୋଟିସ ଜାରି

ଜୟପୁର-ନବରଙ୍ଗପୁର ରେଳପଥ
■ ୨ ଗାଁରୁ ୪୫ ଏକର ୮୦୪ ଡେସିମିଲ ଜମି ଅଧିଗ୍ରହଣ ହେବ

ଜୟପୁର,୨୫।୬(ଡି.ଏନ୍.ଏ.)

ଜୟପୁର-ନବରଙ୍ଗପୁର ରେଳପଥରେ ଜମି ଅଧିଗ୍ରହଣ ପାଇଁ ବିଭିନ୍ନ ଗାଁକୁ ନୋଟିସ୍ ଜାରି କରିଛନ୍ତି ଜୟପୁରସ୍ଥିତ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ। ନବରଙ୍ଗପୁର ଜିଲାର ସଦର ବ୍ଲକ, ପୌରସଂସ୍ଥାର ୬ ନମ୍ବର ୱାର୍ଡ ଏବଂ ନନ୍ଦାହାଣ୍ଡି ବ୍ଲକ ଡାଇଭଙ୍ଗା ଗ୍ରାମରେ ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ ଏହି ନୋଟିସ୍ ହୋଇଛି। ଜିଲା ପ୍ରଶାସନ ତୁରନ୍ତ ଗ୍ରାମସଭା କରି ଲୋକଙ୍କୁ କ୍ଷତିପୂରଣ ଅର୍ଥ ଦେବା ସହ ସଚେତନ କରିବ। ଉପରୋକ୍ତ ଦୁଇଟି ଗାଁରୁ ସମୁଦାୟ ୪୫ ଏକର ୮୦୪ ଡେସିମିଲ ଜମି ଅଧିଗ୍ରହଣ କରାଯିବା ପାଇଁ ଜିଲା ପ୍ରଶାସନ, ଉଭୟ ବ୍ଲକର ବିଡିଓ ଏବଂ ପୌରସଂସ୍ଥାକୁ ଭୂଅର୍ଜନ ବିଭାଗ ଗତ ମେ ୮ରେ ନୋଟିସ କରିଥିଲା। ସେଥିରେ ଡାଇଭଙ୍ଗାର ୧୪ ଏକର ୬୬୬ ଡେସିମିଲ ଏବଂ ନବରଙ୍ଗପୁର ବ୍ଲକ ଓ ପୌରସଂସ୍ଥାର ୱାର୍ଡ ନମ୍ବର ୬ର ୩୧ ଏକର ୧୩୮ ଡେସିମିଲ ଜମି ରହିଛି। ଡାଇଭଙ୍ଗାର ୩୩ ଜଣ ଜମି ମାଲିକଙ୍କ ମଧ୍ୟରୁ ୨୪ଜଣ ବିପିଏଲ ଏବଂ ୯ଜଣ ଏପିଏଲ। ସେହିପରି ନବରଙ୍ଗପୁରର ୬୬ ଜଣଙ୍କ ମଧ୍ୟରୁ ୨୮ ଜଣ ବିପିଏଲ ଓ ୩୮ ଜଣ ଏପିଏଲ ରହିଛନ୍ତି। ଜୟପୁର-ନବରଙ୍ଗପୁର ମଧ୍ୟରେ ୩୮ କିମି ରେଳପଥ ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୫୦ ପ୍ରତିଶତ ଭାଗିଦାରୀ ପାଇଁ ଚୁକ୍ତି ହୋଇଥିଲା। କିନ୍ତୁ ଜମି ଅଧିଗ୍ରହଣ ପାଇଁ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଜୟପୁରରେ କାର୍ଯ୍ୟାଳୟ ସ୍ଥାପନ ହୋଇଥିଲେ ମଧ ୯୦ ପ୍ରତିଶତ ପଦବୀ ଖାଲି ପଡ଼ିଥିବା ଯୋଗୁ କାମ ତ୍ୱରାନ୍ୱିତ ହୋଇପାରୁନାହିଁ । ଏହି ରେଳପଥ ପାଇଁ କୋରାପୁଟ ଜିଲା ୨ ବ୍ଲକ ଅଧୀନ ୨୦ଟି ଗ୍ରାମ ଏବଂ ନବରଙ୍ଗପୁର ଜିଲା ୨ ବ୍ଲକ ଓ ପୌରସଂସ୍ଥାର ୨ଟି ଗ୍ରାମର ୭୮୦ ଏକର ୧୭୧ ଡେସିମିଲ ଘରୋଇ ଜମି ଅଧିଗ୍ରହଣ କରାଯିବା ପାଇଁ ସର୍ଭେ ହୋଇଛି।

# ଦରମା ବୃଦ୍ଧି ଦାବିରେ ଅନଶନ

**୭ ଦିନ ଧରି ଧାରଣା ଦେବେ ହାଲ୍ କର୍ମଚାରୀ**



ଅନଶନରେ ସାମିଲ ହୋଇଥିବା କର୍ମଚାରୀ।

ସୁନାବେଡ଼ା,୨୫।୬(ଡି.ଏନ୍.ଏ.)

ଦରମା ବୃଦ୍ଧି ଦାବିରେ ହାଲ୍ କର୍ମଚାରୀମାନେ ୨୪ ଘଣ୍ଟିଆ ଅନଶନରେ ବସିଛନ୍ତି। ହାଲ୍ ସର୍ବଭାରତୀୟ ଟ୍ରେଡ୍ ୟୁନିୟନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଧାରଣାରେ ବିଜୁ ଏରୋନଟିକ୍ସ ଏମ୍ପ୍ଲୋଇଜ୍ ୟୁନିୟନ (ବିଏଇୟୁ), ହିନ୍ଦୁସ୍ତାନ ଏରୋନେଟିକ୍ସ ଏମ୍ପ୍ଲୋଇଜ୍ ଆସୋସିଏଶନ (ଏଚ୍‌ଏଇଏ), ହିନ୍ଦୁସ୍ତାନ ଏରୋନେଟିକ୍ସ ମଜଦୁର ସଂଘ (ଏଚ୍‌ଏଏମ୍‌ଏସ୍) ସାମିଲ ହୋଇଛି। ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଧାରଣା ଆସନ୍ତା ୭ଦିନ ଧରି ଚାଲିବ ବୋଲି କର୍ମଚାରୀ ସଂଘ ପକ୍ଷରୁ ହାଲ୍ ମ୍ୟାନେଜ୍‌ମେଣ୍ଟକୁ ଚିଠି କରାଯାଇଛି। ଆସନ୍ତା ୩ ତାରିଖରେ ଶେଷ ନିଷ୍ପତ୍ତି ନିଆଯିବ ବୋଲି କର୍ମଚାରୀ ସଂଘ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, ହାଲ୍‌ର ସର୍ବଭାରତୀୟସ୍ତରରେ ବାଙ୍ଗାଲୋର, ବାରକ୍‌ପୁର, ନାସିକ୍, ହାଇଦ୍ରାବାଦ, କାନପୁର, କୋରବା, ଲକ୍ଷ୍ନୌ ସହ କୋରାପୁଟରେ ଏହି ହରତାଳ ଚାଲିଛି।

# ଜୋର୍‌ସୋରରେ ଚାଲିଛି ୩ ରଥକାମ

କୋରାପୁଟ,୨୫।୬(ସ୍ୱ.ପ୍ର.)

ଜୁଲାଇ ୪ରେ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ କୋରାପୁଟ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ପକ୍ଷରୁ ୩ଟି ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ମନ୍ଦିର ପରିଚାଳନା କମିଟି ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଏହି କାର୍ଯ୍ୟ ଜାରି ରହିଛି। କମିଟିର ସଂପାଦକ ଗଦାଧର ପରିଡା ଓ ବରିଷ୍ଠ ସଦସ୍ୟ ଡ. ଜଗବନ୍ଧୁ ସାମଲଙ୍କ ତତ୍ତ୍ୱାବଧାନରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ସମ୍ମୁଖସ୍ଥ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହି ୩ଟି ରଥ କାମ ଚାଲିଛି । ବର୍ତ୍ତମାନ ରଥର ପାର୍ଶ୍ୱଦେବତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଛତିଶଗଡ଼ର ଜଗଦଲପୁର ଅଞ୍ଚଳର ଶିଳ୍ପୀଙ୍କ ଦ୍ୱାରା ଚାଲିଛି । ଘୋଡ଼ା ଓ ସାରଥି କାର୍ଯ୍ୟ ପୁରୀର ରଘୁରାଜପୁର ଶିଳ୍ପୀଙ୍କ ଦ୍ୱାରା କରାଯାଉଛି। ଜଗନ୍ନାଥଙ୍କ ମନ୍ଦିର ପରିସରରେ ଥିବା କଦମ୍ବ ଗଛ ତଳେ ଛତିଶଗଡ଼ର ଶିଳ୍ପୀଙ୍କ ଦ୍ୱାରା ଚାଲିଥିବା ରାଧାକୃଷ୍ଣ ମୂର୍ତ୍ତି ନିର୍ମାଣ ସମସ୍ତଙ୍କୁ ଆକର୍ଷିତ କରୁଛି।

# କୋରାପୁଟ ବ୍ରାହ୍ମଣ ସମାଜ ବୈଠକ

ଜୟପୁର,୨୫।୬(ନି.ପ୍ର.)

କୋରାପୁଟ ଜିଲା ବ୍ରାହ୍ମଣ ସମାଜର ଏକ ବୈଠକ ଜୟପୁରସ୍ଥିତ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ଅଖିଳ ଓଡିଶା ବ୍ରାହ୍ମଣ ମହାସଭାର ସଭାପତି



ବ୍ରାହ୍ମଣ ସମାଜ ବୈଠକରେ ଉପସ୍ଥିତ ଅତିଥିମାନେ।

ତଥା ସର୍ବଭାରତୀୟ ବ୍ରାହ୍ମଣ ମହାସଂଘ ଉପସଭାପତି ଡ. ଜୟକୃଷ୍ଣ ଦାଶଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ରନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଯୁବ ସଭାପତି ବନକୃଷ୍ଣ ରଥ ସଭା ପରିଚାଳନା କରିଥିଲେ । ବେଦପାଠ ପରେ ଜିଲା ବ୍ରାହ୍ମଣ ସମାଜର ସାଧାରଣ ସମ୍ପାଦକ ପ୍ରମଥ ନାଥ ମିଶ୍ର ସ୍ୱାଗତ ଭାଷଣ ଓ ରାଜ୍ୟ ସଭାପତି ପଣ୍ଡିତ ଜୟକୃଷ୍ଣ ଦାଶ ଶର୍ମା ରାଜ୍ୟ ମହାସଭା ଗଠନର ଉଦ୍ଦେଶ୍ୟ ରଖିଥିଲେ। ବ୍ରାହ୍ମଣମାନଙ୍କୁ ସଙ୍ଗଠିତ କରିବା ସହ ଆର୍ଥିକ ଅନଗ୍ରସରତାକୁ ସଂରକ୍ଷଣର ମାପଦଣ୍ଡ ରୂପେ ନେବାକୁ ସରକାରଙ୍କୁ ଦାବିପତ୍ର ଦିଆଯାଇଥିବା ଏଥିରେ କୁହାଯାଇଥିଲା। ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ବ୍ରାହ୍ମଣ ସଙ୍ଗଠନକୁ ନେଇ ଅଗଷ୍ଟରେ ଏକ ସମନ୍ୱୟ ବୈଠକ କରିବା, ଭୁବନେଶ୍ୱରରେ ବିଶାଳ ସମାବେଶ କରି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

■ ଠିକ୍ ସମୟରେ ଆସୁନାହାନ୍ତି ଶିକ୍ଷୟିତ୍ରୀ ଶିକ୍ଷକ

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

ବନ୍ଧୁଗାଁ/କୋରାପୁଟ,୨୫।୬
(ଡି.ଏନ୍.ଏ./ସ୍ୱ.ପ୍ର.)

ଶିକ୍ଷୟିତ୍ରୀ ଶିକ୍ଷକ ଠିକ୍ ସମୟରେ ବିଦ୍ୟାଳୟକୁ ଆସୁନାହାନ୍ତି। ଛାତ୍ରୀଛାତ୍ରଙ୍କୁ ଭଲ ଭାବେ ପାଠ ପଢ଼ାଯାଉ ନାହିଁ। ଅଭିଭାବକମାନେ ଏଭଳି ଅଭିଯୋଗ ଆଣି ମଙ୍ଗଳବାର ବନ୍ଧୁଗାଁ ବ୍ଲକ ଆଲମଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇଛନ୍ତି। ବନ୍ଧୁଗାଁ ଜିଲା ପରିଷଦ ସଭ୍ୟା ସରିତା ସାରଥିଙ୍କ ନେତୃତ୍ୱରେ ସେମାନେ ପୂର୍ବାହ୍ନରେ ମୁଖ୍ୟଗେଟ୍ ସମେତ ସମସ୍ତ ଶ୍ରେଣୀଗୃହରେ ତାଲା ପକାଇ ପ୍ରତିବାଦ ଜଣାଇବା ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ଦାବି କରିଛନ୍ତି।

ଆଲମଣ୍ଡା ଉଚ୍ଚ ପ୍ରାଥମିକ



ସ୍କୁଲ ଶ୍ରେଣୀଗୃହରେ ତାଲା ପକାଉଛନ୍ତି ଅଭିଭାବକ।

ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୪୨୧ ଜଣ ଛାତ୍ରୀଛାତ୍ର ଥିବାବେଳେ ସେମାନଙ୍କୁ ପାଠ ପଢ଼ାଇବା ପାଇଁ ୧୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। କିନ୍ତୁ ଅଧିକାଂଶ ସମୟରେ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ଅନୁପସ୍ଥିତ ରହୁଥିବା ବେଳେ ଅନ୍ୟମାନେ ଥାଇ ମଧ କ୍ଲାସ ନେଉ ନ ଥିବା ଗ୍ରାମବାସୀ ଓ ଅଭିଭାବକ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ତାଲା ପଡ଼ିବା ଖବର ପାଇ ବନ୍ଧୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ମିଶ୍ର ବିଦ୍ୟାଳୟରେ ପହଞ୍ଚି ଉପସ୍ଥିତ ଗ୍ରାମବାସୀ ଓ ଅଭିଭାବକଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ । ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି କର୍ତ୍ତବ୍ୟରେ ଅବହେଳା କରୁଥିବା ଓ ବିଦ୍ୟାଳୟକୁ ଆସୁ ନ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦେବେ ବୋଲି ବିଇଓ ପ୍ରତିଶ୍ରୁତି ଦେବା ପରେ ସ୍କୁଲରୁ ତାଲା ଖୋଲିଥିଲା।

## ସଂକ୍ଷେପରେ

### ସାପ କାମୁଡାରେ ଜଣେ ମୃତ

ରାଇଘର,୨୫।୬(ଡି.ଏନ.ଏ)- ନବରଙ୍ଗପୁର ଜିଲା ରାଇଘର ବ୍ଲକ ଉଦୟପୁର ଗ୍ରାମର ମଞ୍ଜିପାରାଠାରେ ସାପ କାମୁଡାରେ ଗୋବିନ୍ଦ ଗଣ୍ଡଙ୍କ ମୃତ୍ୟୁ ଘଟିଛି। ଗୋବିନ୍ଦ ଘରେ ଶୋଇଥିବା ସମୟରେ ଏକ ସାପ ତାଙ୍କ ବାମପଟ କାନକୁ କାମୁଡି ଦେଇଥିଲା। ଏହି ସମୟରେ ଗୋବିନ୍ଦ ସାପଟିକୁ ହାତରେ ଧରି ପକାଇ ଏକ ଟୋକେଇ ତଳେ ରଖି ପରିବାର ଲୋକଙ୍କୁ ଜଣାଇଥିଲେ। ରାତିରେ ମେଡିକାଲ ଆସିବା ପାଇଁ କୌଣସି ସୁବିଧା ନ ଥିବାରୁ ଭୋରୁ ପରିବାର ଲୋକ ତାଙ୍କୁ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇଁ ଡାକ୍ତରଖାନାରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଠିକ ସମୟରେ ମେଡିକାଲ ଅଣାଯାଇଥିଲେ ହୁଏତ ଗୋବିନ୍ଦଙ୍କ ଜୀବନ ବଞ୍ଚିଯାଇଥାନ୍ତା ବୋଲି ଅଞ୍ଚଳବାସୀ କହିଛନ୍ତି।

### ବୟନଶିଳ୍ପ ମନ୍ତ୍ରୀଙ୍କ ପିତାଙ୍କ ପରଲୋକ

ନବରଙ୍ଗପୁର,୨୫।୬(ବି.ପ୍ର.)- ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ବାପା ଡମ୍ବରୁଧର ରନ୍ଧାରୀ(୬୭)ଙ୍କ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ପରଲୋକ ହୋଇଛି। ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ସେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଶରୀର ଅତିଶୟ ଗୁରୁତର ହେବାରୁ ଜିଲା ସଦର ମହକୁମା ଡାକ୍ତରଖାନାକୁ ଅଣାଯାଇଥିଲା। ଏଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ବିୟୋଗ ଘଟିଛି। ବିଧାୟକ ରନ୍ଧାରୀ ଓ ମନ୍ତ୍ରୀ ଦିଆନ ପହଞ୍ଚିବା ପରେ ବୁଧବାର ନବରଙ୍ଗପୁର ବ୍ଲକ ଭାଟିଗାଁଠାରେ ଅନ୍ତ୍ୟେଷ୍ଟିକ୍ରୀୟା କରାଯିବ ବୋଲି ଜଣାପଡିଛି।

### ବିଦ୍ୟାଳୟରୁ ଚୋରି

ଭଣ୍ଡାରିପୋଖରୀ, ୨୫।୬(ଡି.ଏନ୍.ଏ.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ତେସିଙ୍ଗା ପଞ୍ଚାୟତ ବଡ଼ବନସ୍ତା ମଧମା ବିଦ୍ୟାଳୟରୁ କବାଟ ଭାଙ୍ଗି ରବିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ପ୍ରଧାନ ପଣ୍ଡିତ ନରେନ୍ଦ୍ର କୁମାର ସାହୁଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା(ନଂ. ୧୦୨/୧୯) ରୁଜୁ କରି ତଦନ୍ତ କରୁଛି। ରବିବାର ରାତିରେ ଚୋରମାନେ ବିଦ୍ୟାଳୟ କବାଟ ତାଲା ଭାଙ୍ଗି ଆଲମିରାରେ ଥିବା ନଗଦ ୧୦ ହଜାର ଟଙ୍କା ଚୋରି କରିଥିଲେ।

# ମୌସୁମୀ ଦୁର୍ବଳ, ବଢ଼ାଇଲା ଚାଷୀଙ୍କ ଚିନ୍ତା

ନବରଙ୍ଗପୁର,୨୫।୬(ବି.ପ୍ର.)


ଜମିରେ ଚାଷୀ ଚାଷ କାର୍ଯ୍ୟ କରୁଛନ୍ତି।

ବିଳମ୍ବରେ ଓଡିଶାକୁ ମୌସୁମୀ ଛୁଇଁଲା। ଚାଷୀ ଖୁସିରେ ଧାନ ତଳି ପକାଇବା ସହ ମକା ଲଗାଇବା ଆରମ୍ଭ କଲେ। କିନ୍ତୁ ମୌସୁମୀ ଦୁର୍ବଳ ହେବାରୁ ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। ତଥାପି ଚାଷୀ ବର୍ଷା ହେବ ବୋଲି ଆଶା ରଖି ଚାଷ କାର୍ଯ୍ୟ ଆରମ୍ଭ କରିଛି। ଜମିକୁ ଚାଷ ପାଇଁ ଠିକ କରିବା ଠାରୁ ଆରମ୍ଭ କରି ହିଡ ସଜାଡିବା ସହ ତଳି ପକାଇବା କାର୍ଯ୍ୟ ଚାଷୀ ଆରମ୍ଭ କରିଛି। ଖରିଫ ଚାଷ ପାଇଁ କୃଷି ବିଭାଗ ମଧ ତତ୍ପର ହୋଇ ଉଠିଛି। ଜିଲାରେ ଚଳିତ ବର୍ଷ ୧ ଲକ୍ଷ ୯୯ ହଜାର ୬୦୨ ହେକ୍ଟରରେ ଚାଷ ହେବ। ସେଥିମଧ୍ୟରୁ ଧାନ ୧ ଲକ୍ଷ ୩ ହଜାର ୫୮ ହେକ୍ଟର, ଆଖୁ ୪ ହଜାର ୯୪୨ ହେକ୍ଟର, ମକା ୬୦ ହଜାର ୪ଶହ ୧୮ ହେକ୍ଟର, ପନିପରିବା ୧୬ ହଜାର ୬୯୪ ହେକ୍ଟର, ଡାଲିଜାତୀୟ ଫସଲ ୯ ହଜାର ୩୦ ହେକ୍ଟର ଓ ତୈଳଜାତୀୟ ଫସଲ ୮୨୫ ହେକ୍ଟର ଜମିରେ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଏନେଇ ଜିଲାକୁ ଚଳିତ ବର୍ଷ ୬୬ ହଜାର ମେଟ୍ରିକ ଟନ ସାର ଯୋଗାଣ ହେବ। ସେଥିମଧ୍ୟରୁ ୟୁରିଆ ୪୦ ହଜାର ମେଟ୍ରିକ ଟନ ମଧ୍ୟରୁ ଏପର୍ଯ୍ୟନ୍ତ ୧୭ ହଜାର ୫୪୫ ମେଟ୍ରିକ ଟନ, ୧୨ ହଜାର ମେଟ୍ରିକ ଟନ ଡିଏପି ମଧ୍ୟରୁ ୫ ହଜାର ୭୭ ମେଟ୍ରିକ ଟନ, ଏମଓପି ୮ହଜାର ମେଟ୍ରିକ ଟନ ମଧ୍ୟରୁ ୧୪୧୯ ମେଟ୍ରିକ ଟନ ଓ ଅନ୍ୟାନ୍ୟ ସାର ୬ ହଜାର ମେଟ୍ରିକ ଟନ ମଧ୍ୟରୁ ୧୮୯୯ ମେଟ୍ରିକ ଟନ ସାର ଲ୍ୟାମ୍ପସ ଓ ଡିଲର ମାନଙ୍କୁ ଯୋଗାଣ ହୋଇ ସାରିଛି। ସେହିଭଳି ସରକାରୀ ଧାନ ବିହନ ଲ୍ୟାମ୍ପସମାନଙ୍କ ଦ୍ୱାରା ୨୬ଶହ କୁଇଣ୍ଟାଲ ଓ ଘରୋଇ ଡିଲର ମାନଙ୍କ ଦ୍ୱାରା ୫୪୩୯ କୁଇଣ୍ଟାଲ ବିକ୍ରି ହୋଇଛି। ତେବେ ଜିଲାରେ ଚାଷୀ ହାଇବ୍ରିଡ ଧାନ ବିହନ ବିଭିନ୍ନ କମ୍ପାନୀରୁ କିଣି ଚାଷ କାର୍ଯ୍ୟ କରୁଛନ୍ତି। ସରକାରୀ ବିହନ ଅପେକ୍ଷା ଘରୋଇ ଫାର୍ମ କମ୍ପାନୀମାନଙ୍କ ବିହନକୁ ଚାଷୀ ଅଧିକ ଭରସା କରି ଆସୁଛନ୍ତି। ସରକାରଙ୍କ ପକ୍ଷରୁ ମକା ବିହନ ଯୋଗାଣ ହେଉନଥିବା ବେଳେ ଚାଷୀ ବିଭିନ୍ନ କମ୍ପାନୀଙ୍କ ଠାରୁ ବିହନ କିଣି ମକା ଚାଷ କରି ଆସୁଛନ୍ତି। ସରକାରୀ ରିପୋର୍ଟ ଅନୁଯାୟୀ ଜିଲାରେ ୬୦ ହଜାର ୪୧୮ ହେକ୍ଟର ମକା ଚାଷ ହେଉଥିବା ବେଳେ ବେସରକାରୀ ସ୍ତରରେ ଏହା ଅଧିକ ହେବ। ସରକାରଙ୍କ ଖାଲି ପଡିଥିବା ଜମି ଓ ଜଙ୍ଗଲ ଜମିରେ ବ୍ୟାପକ ମକା ଚାଷ ହୋଇଥାଏ। ମକାଗଛ ଅଧିକ ସାର ଆବଶ୍ୟକ ପଡୁଥିବା ଓ ସାର ଗ୍ରହଣ କରିବା ଶକ୍ତି ମକା ଗଛର ଅଧିକ ରହିଥିବାରୁ ଏହି ଚାଷ ଲାଗି ସାର ବ୍ୟବହାର ଅଧିକ ରହୁଛି। ସରକାରୀ ଆକଳନ ଧାର୍ଯ୍ୟ ଜମି ଓ ଫସଲକୁ ନେଇ କୃଷି ବିଭାଗ ଆକଳନ କରି ଜିଲାକୁ ସାର ଯୋଗାଉଥିବା ବେଳେ ମକା ଚାଷ ଲାଗି ସାରର ଅଭାବି ବିକ୍ରୀ ସୃଷ୍ଟି ହେଉଛି। ମକା ଚାଷକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଭିତିରିଆ ଚଡା ଦରରେ ସାର ବିକ୍ରି କରିଥାନ୍ତି। ଏହା ଉପରେ ନିୟମିତ ବ୍ୟବଧାନରେ ଚଢାଉ ହୋଇ ପାରୁ ନାହିଁ। କୃଷି ବିଭାଗର ରିପୋର୍ଟ ଅନୁଯାୟୀ ୧ ଲକ୍ଷ ୯୭ ହଜାର ୧୮୫ ଜଣ ଚାଷୀ ରହିଛନ୍ତି। ସେଥିମଧ୍ୟରୁ ୧ଲକ୍ଷ ୨୩ ହଜାର ୪୮ ଜଣ ନାମକୁ ମାତ୍ର ଚାଷୀ ଓ ୫୯୫୬ ଜଣ କ୍ଷୁଦ୍ର ଓ ୧୪ ହଜାର ୫୭୬ ଜଣ ମଧ୍ୟମ ଓ ବୃହତ ଚାଷୀ ରହିଛନ୍ତି।

# ବଦଳୁନି ଗାଁର ଭାଗ୍ୟ

ଭଣ୍ଡାରିପୋଖରୀ,୨୫।୬(ଡି.ଏନ୍.ଏ.)

- ବନ୍ୟା ବିପତ୍ତି ସାଜିଛି ଚିର ସହଚର
- ଗାଁକୁ ଯାତାୟାତ ଲାଗି ରାସ୍ତା ନାହିଁ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବୈତରଣୀ ନଦୀକୂଳରେ ଥିବା ମହେଶପୁର ଗାଁ ଏକ ଅବହେଳିତ ଇଲକା ହୋଇ ରହିଛି। ନଦୀରେ ବନ୍ୟା ଆସିଲେ ସାରା ଗାଁ ଜଳବନ୍ଦୀ ହୋଇପଡ଼େ। ଏଭଳି ସ୍ଥିତିରେ ଗାଁକୁ ଯାତାୟାତ ଲାଗି ସବୁଦିନିଆ ରାସ୍ତା ନିର୍ମାଣ ହୋଇପାରୁ ନ ଥିବାରୁ ଗ୍ରାମବାସୀଙ୍କ ଭାଗ୍ୟ ବଦଳୁନାହିଁ। ବିକାଶଧାରାଠାରୁ ଦୂରରେ ଥିବା ଏହି ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ସକାଶେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରାସ୍ତା ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲେ ବି ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଲୋକେ ବାଧହୋଇ ପଡିଆ, ଘାସବିଲ ଦେଇ ଯାତାୟାତ କରୁଛନ୍ତି। ଭଣ୍ଡାରିପୋଖରୀଠାରୁ ପ୍ରାୟ ୧୨ କି.ମି. ଦୂରରେ ଥିବା ବନ୍ଧାଲୋ-ମଡିଆଳି ପଞ୍ଚାୟତର ୫ ଓ ୬ ନଂ ୱାର୍ଡକୁ ନେଇ ମହେଶପୁର ଗାଁ ଗଠିତ। ୧୬ ନଂ ଜାତୀୟ ରାଜପଥର ଆଖୁଆପଦାଠାରୁ ବଳିପୁର ଆଡ଼କୁ ୮ କି.ମି. ଗଲେ ପଡ଼େ ଆମ୍ବଗଡିଆ ଛକ। ସେହି ଛକରେ ରହିଛି ଏକ ପ୍ରବେଶ ପଥ। ବୈତରଣୀ ନଦୀବନ୍ଧରୁ ମହେଶପୁରର ଦୂରତା ପ୍ରାୟ ୨ କି.ମି. ହେବ। ଗ୍ରାମର ଅଧିକାଂଶ ଲୋକ ଚାଷବାସ କରିବା ସହ ମୂଲମଜୁରି ଲାଗି ପରିବାର ଚଳାନ୍ତି। ୧୫ ବର୍ଷ ତଳେ ଏମ୍ପିଙ୍କ ଅନୁଦାନ ଅର୍ଥରେ ନଦୀବନ୍ଧର କଣ୍ଟିଆ ନିକଟରେ ଏକ ଛୋଟ ପୋଲ ନିର୍ମାଣ କରାଯାଇଥିଲା। ସେହି ପୋଲଠାରୁ ଗାଁକୁ ରହିଛି କଚ୍ଚାରାସ୍ତା। ସେହିପରି ବନ୍ଧାଲୋ-ମଡିଆଳି ଆୟୁର୍ବେଦିକ ଡାକ୍ତରଖାନା ଛକରୁ ପ୍ରାୟ ଦେଢ କି.ମି. ମାଟିରାସ୍ତା ରହିଛି। ସାମାନ୍ୟ ବର୍ଷା ହେଲେ ଗ୍ରାମର ଉଭୟ ପଟେ ଥିବା କଚ୍ଚାରାସ୍ତା କର୍ଦ୍ଦମାକ୍ତ ହୋଇପଡୁଥିବାରୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୪ ବର୍ଷ ପୂର୍ବେ ଏମ୍‌ଜିଏନ୍‌ଆର୍‌ଇଜି ଯୋଜନାରେ ଏହି ଗାଁ ରାସ୍ତାରେ କିଛି ମାଟି ପକାଯାଇଥିଲା। ପରେ ବୈତରଣୀ ବନ୍ୟାରେ ତାହା ଧୋଇଯିବାରୁ ଅବସ୍ଥା ଯଥା ପୂର୍ବ ତଥା ପରମ୍ ରହିଛି।

# ପୋଖରୀରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

ବାଲେଶ୍ୱର ଅଫିସ, ୨୫।୬

ବାଲେଶ୍ୱର ସଦର ଥାନା ଫକୀରମୋହନ ନଗରରେ ଥିବା ଏକ ପୋଖରୀରୁ ମଙ୍ଗଳବାର ଅପରାହ୍ନ ସମୟରେ ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପରିବାର ଲୋକ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଖବର ଲେଖାଯିବା ବେଳକୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସଦର ଥାନା ସିନ୍ଦୁରୀ ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କ ଏକମାତ୍ର ପୁଅ ଲଳିତ (୧୯) ଫକୀରମୋହନ ଅଟୋନୋମସ୍ କଲେଜର ଯୁକ୍ତ ୩ ବିଜ୍ଞାନ ବିଭାଗ ଦ୍ୱିତୀୟବର୍ଷର ଛାତ୍ର ଥିଲେ।। ମଙ୍ଗଳବାର ପୂର୍ବାହ୍ନରେ ସେ ଘରୁ କଲେଜକୁ ଆସିଥିଲେ। ସାଙ୍ଗମାନଙ୍କ ସହିତ ଫକୀରମୋହନ ନଗରରେ ଥିବା ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଉକ୍ତ ପୋଖରୀର ୧୫ରୁ ୧୭ ଫୁଟ୍ ପାଣି ରହିଥିବାରୁ ଗାଧୋଇବା ସମୟରେ ଲଳିତ ପାଣିରେ ବୁଡି ଯାଇଥିଲେ। ସାଙ୍ଗ ତଥା ସ୍ଥାନୀୟ ଲୋକେ ଜାଣି ପାରି ଜିଲା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଏକ ଟିମ୍ ପହଞ୍ଚି ଲଳିତଙ୍କୁ ପୋଖରୀରୁ ଉଦ୍ଧାର କରିବା ସହ ଜିଲା ମୁଖ୍ୟଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୫/୧୯ ) ରୁଜୁ କରାଯାଇଛି। ଡାକ୍ତରଙ୍କ ରିପୋର୍ଟ ଅନୁସାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ପ୍ରାଥମିକ ତଦନ୍ତରୁ ଦେହରେ କୌଣସି ପ୍ରକାର କ୍ଷତାକ୍ତ ଚିହ୍ନ ନ ଥିବା ଏସ୍ଆଇ ସୁବ୍ରତ ବେହୁରା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପରିବାରଲୋକେ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି।

# ଦୁର୍ଘଟଣାରେ ୨ ଗୁରତର

ଝରିଗାଁ,୨୫।୬(ସ୍ୱ.ପ୍ର)

ଝରିଗାଁ ଥାନା ଅନ୍ତର୍ଗତ କାଠବେଡା ଛକ ନିକଟରେ ବାଇକ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଚନ୍ଦାହାଣ୍ଡି ଗ୍ରାମର କ୍ରିଷ୍ଣା ସରକାର(୩୦) ଏବଂ ହାତୀବାଡି ସାନ୍ତା ସାହିର ଧନ ସାନ୍ତା(୩୨)। କ୍ରିଷ୍ଣା ବାଇକରେ ଝରିଗାଁରୁ ଚନ୍ଦାହାଣ୍ଡିଅଭିମୁଖେ ଯାଉଥିବା ବେଳେ କାଠବେଡା ଛକ ନିକଟରେ ଧନ ସାନ୍ତା ରାସ୍ତା କଡରେ ଠିଆ ହୋଇଥିଲେ। କ୍ରିଷ୍ଣାଙ୍କ ବାଇକ ଧନଙ୍କୁ ଧକ୍କା ଦେଇଥିଲା। ଫଳରେ ଦୁଇ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯିବା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଗୋଷ୍ଠୀ ସ୍ତରୀୟ ପରାମର୍ଶ ଶିବିର

ଝରିଗାଁ,୨୫।୬(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ଗୋଷ୍ଠୀ ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଜିଲା ଓରମାସ୍ ଡେପୁଟି ଡାଇରେକ୍ଟର ଏ.ଉମା ମହେଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ବାହାଦୂର ସିଂ ଧରୁଆଙ୍କ ସହ ବ୍ଲକ ପ୍ରୋଗ୍ରାମ ଅଫିସର ଗୋପାଳକୃଷ୍ଣ ଦିପ, ଅନୁଜ କୁମାର ଶୁକ୍ଳା ଏବଂ ବିଏଲସି ରଶ୍ମି ରଂଜନୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ସମ୍ପର୍କରେ ଉପସ୍ଥିତ ବେକାର ଯୁବତୀ ଯୁବକଙ୍କୁ ଅବଗତ କରାଇଥିଲେ। ଏହି ଯୋଜନାରେ ବେକାର ଯୁବତୀଯୁବକମାନେ ତାଲିମ ମାଧ୍ୟମରେ ଜଣେ କୁଶଳୀ ଏବଂ ଦକ୍ଷ ହୋଇ ରୋଜଗାରକ୍ଷମ ହୋଇପାରିବେ ସେଥିନେଇ ଅତିଥିମାନେ ଗୁରୁତ୍ୱାରୋପ ପ୍ରଦାନ କରିଥିଲେ।

# ବୈଷୟିକ ଶିକ୍ଷାଭିତ୍ତିକ କର୍ମଶାଳା

ନବରଙ୍ଗପୁର,୨୫।୬(ବି.ପ୍ର.)

ନବରଙ୍ଗପୁର ଜିଲାରେ ୯ଟି ଶିଶୁ ଗୃହ ରହିଛି। ସେଠାରେ ରହି ଯେଉଁମାନେ ୧୦ମ ଓ ଦ୍ୱାଦଶରେ ଉର୍ତ୍ତିଣ୍ଣ ହୋଇଛନ୍ତି ସେମାନଙ୍କ ନିମନ୍ତେ ନିଯୁକ୍ତି ଭିତ୍ତିକ ବୈଷୟିକ ତାଲିମ ସମ୍ପର୍କିତ ଏକ କର୍ମଶାଳା ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନେ ପାଠ ପଢି କିଭଳି ଭଲ ମଣିଷ ହୋଇ ରୋଜଗାରକ୍ଷମ ହେବେ ସେ ନେଇ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ୭୩ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମାଟ୍ରିକ ଓ ଦ୍ୱାଦଶ ପାସ କରିଥିବା ପିଲାମାନଙ୍କୁ ନିଯୁକ୍ତି ଭିତ୍ତିକ ବୈଶୟୀକ ତାଲିମ ଶିକ୍ଷା ଓ ପରାମର୍ଶ ଦିଆଯାଇଥିଲା। ଉମରକୋଟ ସରକାରୀ ଆଇଟିଆଇ ଓ ସରକାରୀ ପଲିଟେକନିକ କଲେଜର ପ୍ରିନ୍ସିପାଲ, ଶିଶୁ ମଙ୍ଗଳ



କର୍ମଶାଳାରେ ଜିଲାପାଳଙ୍କ ସହ ଅନ୍ୟମାନେ।

କମିଟିର ଅଧକ୍ଷ ବିଜୟ କୁମାର ଚୌଧୁରୀ, ଶୁଭେନ କୁମାର ବେହେରା, ଅନୁପମ ଶୁଭଦର୍ଶୀ, କଳିଙ୍ଗ ଇନଷ୍ଟିଚ୍ୟୁଟ ଶିବାଷିଶ ବଳବନ୍ତ, ସାମାଜିକ କର୍ମୀ ମନୋରମା ମାଝୀ ଯୋଗ ଦେଇ ଛାତ୍ରୀଛାତ୍ରମାନେ କିଭଳି ବୈଷୟିକ ଶିକ୍ଷାରେ ଦକ୍ଷତା ହାସଲ କରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ।ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ୟୁନିଟର ଆଇନ ପରିବିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ମାର୍ଥା, ଅନୁଶାସନ କାର୍ଯ୍ୟକ୍ରମ ଅଧିକାରୀ କୁନିମଣି ସ୍ୱାଇଁ, କିଶାନ ପଟ୍ଟନାୟକ, ସ୍ୱାତୀ ଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ -ତଥାଗତ ସତପଥୀ

ଧରିତ୍ରୀ DHARITRI
ରାୟଗଡ଼ା, ବୁଧବାର, ୨୬ ଜୁନ୍, ୨୦୧୯



## ସଂକ୍ଷେପରେ

### ଗୁଣପୁର ବିଡିଓଙ୍କ ଦାୟିତ୍ୱ ଗ୍ରହଣ

ଗୁଣପୁର,୨୫।୬(ଡି.ଏନ୍.ଏ.): ରାୟଗଡା ଜିଲା ପଦ୍ମପୁର ବିଡିଓ ଅଗସ୍ତି ପ୍ରଧାନ ମଙ୍ଗଳବାର ଗୁଣପୁର ବ୍ଲକର ବିଡିଓଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ତାଙ୍କୁ କର୍ମଚାରୀମାନେ ସ୍ୱାଗତ ଜଣାଇଥିଲେ। ପରେ ବିଡିଓ ପୁଟାସିଂ ଅଞ୍ଚଳକୁ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ପ୍ରକାଶ ଯେ, ଡିସେମ୍ବର ୧୩ ତାରିଖରେ ଗୁଣପୁର ବିଡିଓ ଗାୟତ୍ରୀ ଦେବୀଙ୍କୁ ରାଜ୍ୟ ସରକାର ବଦଳି କରିଥିଲେ। ତାଙ୍କୁ ଜିଲାପାଳ ଜୁନ ୧୩ ତାରିଖରେ ରିଲିଭ କରିଥିଲେ।

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଅଟକ

ଆସିକା,୨୫।୬ (ଡି.ଏନ୍.ଏ.): ଆସିକା ଥାନା ଇଲାକାରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଅଟକ ରଖିଛି। ଗତ ୧୮ ତାରିଖ ରାତ୍ରରେ ଅଭିଯୁକ୍ତ ଜଣକ ନାବାଳିକାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଜାଣିବା ପରେ ନାବାଳିକାଙ୍କ ମା' ଗାଁ କମିଟିକୁ ଜଣାଇଥିଲେ । ତେବେ ନ୍ୟାୟ ନ ମିଳିବାରୁ ସୋମବାର ରାତିରେ ନାବାଳିକାଙ୍କ ମା' ଆସିକା ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ଆସିକା ଡାକ୍ତରଖାନାରେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି । ଏ ନେଇ ନଂ.୨୦୦/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି।

### ମାଡ଼ ମାରି ଟଙ୍କା, ମୋବାଇଲ ଫୋନ ଲୁଟ୍

ଗୋପାଳପୁର,୨୫।୬: କନିଷି ହାଟ ବାଲାଜୀ ସ୍କୁଲ ନିକଟରେ ସୋମବାର ରାତିରେ ଜଣେ ବ୍ୟକ୍ତିଙ୍କୁ କେତେକ ଦୁର୍ବୃତ୍ତ ମାଡ଼ ମାରି ୨ହଜାର ଟଙ୍କା ସହ ଏକ ମୋବାଇଲ ଫୋନ୍ ଲୁଟି ନେଇଥିବା ଗୋଲନ୍ଥରା ଥାନାରେ ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଉକ୍ତ ଥାନା କନିଷି ହାଟ ଗ୍ରାମର ସାରଥି ପାତ୍ର। ସେ ବ୍ରହ୍ମପୁରରୁ କାମ ସାରି ରାତି ୧୦ଟାରେ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ବାଲାଜୀ ବିଦ୍ୟାପୀଠ ନିକଟରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ନିସ୍ତୁକ ମାଡ଼ ମାରି ଟଙ୍କା ସହ ମୋବାଇଲ ଫୋନ୍ ନେଇ ଚମ୍ପଟ ମାରିଥିଲେ। ଗୁରୁତର ସାରଥିଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ସାରଥି ଥାନାରେ ଅଭିଯୋଗ କରିଥିଲେ।

### ଭଗବତ୍ ପ୍ରସାଦ ରଥଙ୍କ ବିୟୋଗରେ ସ୍ମୃତିସଭା



କାଶୀନଗର,୨୫।୬(ଡି.ଏନ୍.ଏ.): ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ସଭାପତି ଭଗବତ୍ ପ୍ରସାଦ ରଥଙ୍କ ବିୟୋଗରେ ମଙ୍ଗଳବାର ସ୍ଥାନୀୟ ବଂଶଧାରା ପାଠାଗାର ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର କାର୍ଯ୍ୟକାରୀ ସଭାପତି କବି ପ୍ରଶାନ୍ତ ମିଶ୍ରଙ୍କ ଅଧକ୍ଷତାରେ ଏହି ସଭା ଅନୁଷ୍ଠିତ ସଭାରେ ରଥଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ହୃଷିକେଶ ଗୌଡ଼, ରାମ ପ୍ରସାଦ ପଟ୍ଟନାୟକ, ଅମନ୍ ମଙ୍ଗରାଜ, ଆର୍. ହେମ କୁମାର, ରାଜେଶ ପଟ୍ଟନାୟକ, ସତ୍ୟ ନାରାୟଣ ପ୍ରଧାନ, ଟୁନା ଚୌଧୁରୀ ଯୋଗ ଦେଇ ରଥଙ୍କ ସରଳ, ନିରାଡମ୍ବର, ଗାନ୍ଧିବାଦୀ ଚିନ୍ତାଧାରାର ସ୍ମୃତିଚାରଣ କରିଥିଲେ। ସେହିପରି କାର୍ଯ୍ୟକାରୀ ସଭାପତି ମିଶ୍ର କହିଥିଲେଯେ, ରଥ ଅନେକ ଓଡ଼ିଆ ଉପନ୍ୟାସ ଓ କବିତା ପୁସ୍ତକର ସ୍ରଷ୍ଟା। ବିକଳ୍ପ ବିଚାରକୁ ନେଇ ସେ ଅନେକ ଇଂରାଜୀ ପ୍ରବନ୍ଧ ମଧ ଲେଖିଛନ୍ତି। ୮୭ ବର୍ଷ ବୟସରେ ମଧ ଆଚରଣ ଓ ଉଚ୍ଚାରଣ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି ହେବାକୁ ସେ ସୁଯୋଗ ଦେଇ ନ ଥିଲେ। ତେଣୁ ତାଙ୍କ ଦେହାନ୍ତ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ପାଇଁ ଏକ ପାରିବାରିକ କ୍ଷତି ଏବଂ ଓଡ଼ିଶାର ବୁଦ୍ଧିଜୀବୀ ମହଲରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଏଠାରେ ପ୍ରକାଶଯେ, ୨୦ ତାରିଖରେ ରାୟଗଡ଼ା ଜିଲା ରଇତ କଲୋନୀସ୍ଥିତ ନିଜ ବାସଭବନରେ ରଥଙ୍କ ଦେହାନ୍ତ ଘଟିଥିଲା।

# ଫାଇଲ୍ ଆସୁଛି ହେଲେ ଚେୟାର ଖାଲି

**କାଶୀନଗର ବ୍ଲକରେ କର୍ମଚାରୀ ଅଭାବ**

■ଖାଲି ପଡ଼ିଛି ପିଇଓ, ଡିଏସ୍‌ଏସ୍‌ଓ, କିରାଣି, କ୍ୟାଶିୟର୍ ପଦବୀ

■ନିଜ ବ୍ଲକ୍ ସହ ୩ ଅତିରିକ୍ତ ଦାୟିତ୍ୱରେ ବିଡିଓ

କାଶୀନଗର, ୨୫।୬(ଡି.ଏନ.ଏ.)

ଗଜପତି ଜିଲା କାଶୀନଗର ବ୍ଲକ୍ କାର୍ଯ୍ୟାଳୟରେ ଏବେ କର୍ମଚାରୀ ଅଭାବ ଦେଖାଦେଇଛି। ବିଭିନ୍ନ ପଦବୀରେ କେହି ଅଧିକାରୀ ନାହାନ୍ତି। ଫାଇଲ୍ ପରେ ଫାଇଲ୍ ଆସୁଛି। କିନ୍ତୁ ଚେୟାର୍ ଖାଲି ଥିବାରୁ ଅଫିସ୍ କାମ ତ୍ୱରାନ୍ୱିତ ହୋଇପାରୁନାହିଁ। ଖୋଦ୍ ବିଡିଓ ନିଜ ବ୍ଲକ୍ ସହ ୩ଟି ବିଭାଗର ଅତିରିକ୍ତ ଦାୟିତ୍ୱରେ ରହିବା କାର୍ଯ୍ୟ ସୁପରିଚାଳନା ଦିଗରେ ସଙ୍କଟ ସୃଷ୍ଟି କରିଛି।

ବ୍ଲକ୍‌ରେ ସମସ୍ତ ସମ୍ପ୍ରସାରଣ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଛି। ସେହିପରି କାର୍ଯ୍ୟାଳୟର ପିଏ ପଦବୀରେ ମଧ କେହି ନ ଥିବା ବେଳେ ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ (ବିଏସ୍‌ଏସ୍‌ଓ)ଙ୍କ ପଦବୀରେ ମଧ କେହି ନଥିବା ଜଣାପଡ଼ିଛି। ମୁଖ୍ୟ କିରାଣି ଓ କ୍ୟାଶିୟର୍ ବ୍ଲକ ଅଫିସ୍‌ର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦବୀ । ନିକଟ ଅତୀତରେ ଏହି ଦୁଇଟି ପଦବୀରେ ଥିବା କର୍ମଚାରୀଙ୍କ ବଦଳି ହେବା ପରେ ସେମାନଙ୍କ ଚୌକି ମଧ ଖାଲି ପଡ଼ିଛି। ଏହା ବ୍ୟତୀତ ଏବେ କାଶୀନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ୪ ଟି କାର୍ଯ୍ୟାଳୟର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତହସିଲଦାରଙ୍କ ଲମ୍ବା ଛୁଟି ଓ କାଶୀନଗର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ହୋଇଥିବାରୁ ଉଭୟ କାର୍ଯ୍ୟାଳୟର ଦାୟିତ୍ୱ ମଧ ବିଡିଓଙ୍କୁ ଦିଆଯାଇଛି । ପାରମ୍ପରିକ ଭାବେ ସେ ମଧ ସବ୍‌ଟ୍ରେଜେରି ଅଫିସର ରହିଛନ୍ତି । ନିଜର ମୂଳ ଦାୟିତ୍ୱ ସହ ଅନ୍ୟ ତିନୋଟି ଗୁରୁତ୍ୱପୂର୍ଣ୍ଣ ଅଧିକାରୀ ଦାୟିତ୍ୱରେ ବିଡିଓ ରହିଥିବା ବେଳେ ବ୍ଲକ୍ ଅଫିସ୍‌ରେ ମୁଖ୍ୟ କିରାଣି ଓ କ୍ୟାଶିଅରଙ୍କ ବଦଳି ପରେ ସେମାନଙ୍କ ସ୍ଥାନରେ ଅନ୍ୟ କାହାକୁ ଦାୟିତ୍ୱ ଦିଆଯାଇ ନ ଥିବାରୁ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଏଭଳି ପରିସ୍ଥିତିରେ ସରକାରୀ କାର୍ଯ୍ୟ କିଭଳି ସୁଚାରୁ ରୂପେ ସମ୍ପାଦନ ହୋଇପାରିବ ତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଚିନ୍ତାବ୍ୟକ୍ତ କରିଛନ୍ତି । ତେଣୁ ଜିଲା ପ୍ରଶାସନ ତୁରନ୍ତ ଖାଲି ପଡ଼ିଥିବା ସମସ୍ତ ପଦବୀ ପୂରଣ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ପୋଲିସ କବ୍‌ଜାରେ ୪ ଗଞ୍ଜେଇ ବ୍ୟବସାୟୀ

**ଅଭିଯୁକ୍ତମାନେ ପୋଲିସ୍‌କୁ ଚକ୍‌ମା ଦେଇ ଫେରାର ଥିଲେ**



ଗିରଫ ଅଭିଯୁକ୍ତମାନେ।

ବିଷମକଟକ, ୨୫।୬

ପୋଲିସକୁ ଚକ୍‌ମା ଦେଇ ଫେରାର ଥିବା ୪ ଗଞ୍ଜେଇ ବ୍ୟବସାୟୀଙ୍କୁ ବିଷମକଟକ ପୋଲିସ ପଦ୍ମପୁର ଅଞ୍ଚଳରୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଦ୍ମପୁର ଥାନା ଜାଡିଲି ଗ୍ରାମର କୁମାର ଆନା ସେଠୀ, ଭୂବନ ସବର, ସନ୍ଧିଖଲା ଗ୍ରାମର ପବିତ୍ର ଶବର ଏବଂ ଗୁଡାରି ଥାନା ଅଧୀନ ସିରିଗୁଡା ଗ୍ରାମାର ସୁକାନ୍ତ ମାଝି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଅନ୍ୟ ୩ ଅଭିଯୁକ୍ତଙ୍କୁ ଗୁଣପୁର କୋର୍ଟକୁ ପଠାଯାଇଛି। ପ୍ରକାଶ ଯେ, ମାର୍ଚ୍ଚ ମାସ ୧୩ତାରିଖରେ ବିଷମକଟକ ପୋଲିସ ଏକ ଟାଟା ମ୍ୟାଜିକ ଗାଡି (ଓଆର୍-୧୮ସି-୭୩୮୬) କୁ ସନ୍ଦେହ ଜନକ ଅବସ୍ଥାରେ ଠାବ କରିଥିଲା। ଏଥିରେ ବସିଥିବା ଲୋକମାନେ ପୋଲିସ୍‌କୁ ଚକ୍‌ମା ଦେଇ ନିକଟସ୍ଥ ଜଙ୍ଗଲ ଆଡ଼କୁ ଚାଲି ଯାଇଥିଲେ। ଥାନାଧିକାରୀ ଯଶୋବନ୍ତ କୁମାର ହିଆଳ ଗାଡି ତଲାସି କରିଥିଲେ। ଏହାର ପଛ ସିଟ୍‌ରୁ ୧୦୮ କିଲୋ ଗଞ୍ଜେଇ ପୋଲିସ୍ ଜବତ କରିଥିଲା। ପୋଲିସ ଏହି ଘଟଣାର ତଦନ୍ତ ଚାଲୁ ରଖିଥିଲା। ବିଷମକଟକ ପୋଲିସ ଅଭିଯୁକ୍ତମାନଙ୍କୁ ସେମାନଙ୍କ ଗାଁରୁ ସମୋବାର ବିଳମ୍ବିତ ରାତିରେ ଗିରଫ କରିଥିଲା। ସେମାନଙ୍କ ଠାରୁ ବିଭିନ୍ନ ବ୍ୟାଙ୍କର ୭ଟି ଏଟିମ୍ କାର୍ଡ ଏବଂ ୬ଟି ମୋବାଇଲ ପୋଲିସ ଜବତ କରିଛି।

■ସାଇବର ଅପରାଧ ଓ ଫୋରେନସିକ୍ ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ

# ଅପରାଧ ରୋକିବାର କୌଶଳ ଶିଖାଇଲେ




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏସ୍‌ପି ସାରା ଶର୍ମା ଏବଂ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ପାରଳାଖେମୁଣ୍ଡି ୨୫।୬ (ସ୍ୱ.ପ୍ର.)

ସାଇବର ଅପରାଧ ଓ ଫୋରେନସିକ୍ ଯାଞ୍ଚ ସମ୍ପର୍କିତ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ଆଦର୍ଶ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଜପତି ପୋଲିସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍‌ପି ସାରା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦିନକୁ ଦିନ ବୃଦ୍ଧି ପାଉଥିବା ସାଇବର ଅପରାଧକୁ ରୋକିବା ପାଇଁ ପୋଲିସ୍ କେଉଁ ସବୁ ଦିଗ ଉପରେ ଧ୍ୟାନ ଦେବା ଆବଶ୍ୟକ ସେ ବିଷୟରେ ଆଲୋଚନା କରିଥିଲେ । ଏହି ଅପରାଧକୁ ରୋକିବା ପାଇଁ ରହିଥିବା ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା ସମ୍ପର୍କରେ ମଧ ଏଠାରେ କୁହାଯାଇଥିଲା। ସେହିପରି ଫୋରେନ୍‌ସିକ ଯାଞ୍ଚ ଦ୍ୱାରା କିପରି ବିଭିନ୍ନ ରାସାୟନିକ ଉପାୟରେ ହତ୍ୟା, ଚୋରି, ଡକାୟତି ଭଳି ସଙ୍ଗିନ ଅପରାଧର ପର୍ଦ୍ଦାଫାସ କରାଯାଏ, ସେ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଏସ୍‌ପି ଶର୍ମାଙ୍କ ସମେତ ଡିଏସ୍‌ପି ପ୍ରକାଶ ଜେନା, ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

### କାଜୁ ଫ୍ୟାକ୍ଟ୍ରି, ପେଟ୍ରୋଲ ପମ୍ପରେ ଯାଞ୍ଚ

ଛତ୍ରପୁର,୨୫।୬(ଡି.ଏନ.ଏ)

ଛତ୍ରପୁର ଏନ୍‌ଏସି ରେ ଥିବା ବିଭିନ୍ନ ଦୋକାନ, ପେଟ୍ରୋଲ ପମ୍ପ ଓ କାଜୁ ଫ୍ୟାକ୍ଟ୍ରିରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇଛି। ଷ୍ଟେଶନ ରୋଡ୍‌ରେ ଥିବା ଆଚାର୍ଯ୍ୟ ମିକ୍ସର ଫ୍ୟାକ୍ଟ୍ରିରୁ ୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ବେଳେ କାରିଣି ସାହି ନିକଟରେ ଥିବା ମହେନ୍ଦ୍ର ସାହୁ ମିକ୍ସର ଫ୍ୟାକ୍ଟ୍ରି ଓ ହୋଲସେଲ୍‌ରୁ ପଲିଥିନ ଜବତ ହୋଇଥିଲା । ଏନ୍‌ଏସି ପକ୍ଷରୁ ୨୦ ହଜାର ଟଙ୍କା ଏବଂ ମାପ ଓ ଓଜନ ବିଭାଗ ପକ୍ଷରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ସ୍ଥାନୀୟ ଷ୍ଟେଶନ ରୋଡ୍‌ରେ ଥିବା ଶ୍ୟାମ ଏଜେନ୍ସିର ଟ୍ରେଡ୍ ଲାଇସେନ୍ସ ନ ଥିବାରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ସେହିପରି ଗଣେଶ ପଣ୍ଡା ମିକ୍ସର ଫ୍ୟାକ୍ଟ୍ରିର ଯାଞ୍ଚ କରାଯାଇ ମାପ ଓ ଓଜନ ବିଭାଗ ପକ୍ଷରୁ ୫ ହଜାର ଟଙ୍କା ଆଦାୟ ହୋଇଥିଲା । ପରେ ରେଲୱେ ଷ୍ଟେଶନ ନିକଟରେ ଥିବା କନକଦୁର୍ଗା କାଜୁ ପ୍ରୋସେସିଂ ଇଣ୍ଡଷ୍ଟ୍ରିଜ୍‌ର ଟ୍ରେଡ୍ ଲାଇସେନ୍ସ ନ ଥିବାରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି ।

### ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

ବୁଗୁଡ଼ା,୨୫।୬(ଡି.ଏନ.ଏ.)

ବୁଗୁଡ଼ା ଥାନା ଖୋଲଖାଲି-ପାଙ୍ଗିଡ଼ି ମଧ୍ୟରେ ସୋମବାର ଏକ ଦୁର୍ଘଟଣାରେ ଆହତ ହୋଇଥିବା ସାଇକେଲ ଆରୋହୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ଚକାରାପଲ୍ଲୀ ଗାଁର କୈଳାସ ରା (୫୦)। କୈଳାସ ସାଇକେଲରେ ସୋମବାର ରାତି ପ୍ରାୟ ୮ଟାରେ ବୁଗୁଡ଼ାରୁ ଗ୍ରାମକୁ ଯାଉଥିବା ବେଳେ ଖୋଲଖାଲି-ପାଙ୍ଗିଡ଼ି ରାସ୍ତାରେ ପଛପଟୁ ଏକ ବାଇକ୍ ଧକ୍କା ଦେଇ ଚାଲିଯାଇଥିଲା। ସେଠାରେ ଅଚେତ ହୋଇ ପଡ଼ିଥିବା କୈଳାସଙ୍କୁ ପ୍ରଥମେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ୨ବିଦ୍ୟାଳୟରେ ମାଟ୍ରିକ୍ ଫଳ ଶୂନ

**ଆର. ଉଦୟଗିରି ବ୍ଲକ**

ପାରଳାଖେମୁଣ୍ଡି, ୨୫।୬ (ସ୍ୱପ୍ର)

ଗଜପତି ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ଚିନ୍ତାର କାରଣ ହୋଇଛି। ଚଳିତବର୍ଷ ପ୍ରକାଶ ପାଇଥିବା ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ଜିଲାର ପାସ୍ ହାର ରାଜ୍ୟରେ ସର୍ବନିମ୍ନ ରହିଥିବାବେଳେ ଆର୍. ଉଦୟଗିରି ବ୍ଲକରେ ସ୍କୁଲ୍ ଫଳାଫଳ ମଧ ନିରାଶ କରିଛି। ବ୍ଲକ୍‌ରେ ୧୭ଟି ପଞ୍ଚାୟତ ରହିଥିବାବେଳେ ମୋଟ ୧୯ଟି ଉଚ୍ଚ ବିଦ୍ୟାଳୟ ରହିଛି। ତେବେ ଚଳିତ ବର୍ଷ ୨ଟି ସ୍କୁଲରେ କୌଣସି ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇନଥିବାବେଳେ ଫଳାଫଳ ଶୂନ ରହିଥିବା ଜଣାପଡିଛି । ଏଠାରେ ପ୍ରକାଶଯେ, ଏହି ବ୍ଲକ୍ ଏକ ଅଧ୍ୟୁଷିତ ଅଞ୍ଚଳ ଏବଂ ଏଠାରେ ବସବାସ କରୁଥିବା ୯୦ଭାଗ ଲୋକ ଆଦିବାସୀ ସମ୍ପ୍ରଦାୟର ଅଟନ୍ତି । ଏମାନଙ୍କ ଶିକ୍ଷାରେ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ ଏଠାରେ ଶିକ୍ଷାର ବିକାଶ ଘଟିପାରୁନାହିଁ। ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ମାତ୍ର କେତୋଟି ହାଇସ୍କୁଲରେ ଆଖିଦୃଶିଆ ପାସ ହାର ରହିଥିବାବେଳେ ମଙ୍ଗରାଜପୁର ଉଚ୍ଚ ବିଦ୍ୟାଳୟ ଓ ତରଭଙ୍ଗ ଉଚ୍ଚ ବିଦ୍ୟାଳୟ ରେ ପାସ୍ ହାର ଶୂନ ରହିଛି । ଆର୍. ଉଦୟଗିରି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସୂଚନା ପ୍ରକାରେ ମଙ୍ଗରାଜପୁର ହାଇସ୍କୁଲର ମୋଟ ୧୭ଜଣ ପରୀକ୍ଷାର୍ଥୀ ଏବଂ ତରଭଙ୍ଗ ହାଇସ୍କୁଲର ୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ହେଲେ ଜଣେ ମଧ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇନାହାନ୍ତି । ଏହି ଫଳାଫଳକୁ ଅନୁଧ୍ୟାନ କଲେ ଏଠାକାର ଶିକ୍ଷାବ୍ୟବସ୍ଥା ସ୍ପଷ୍ଟ ହେଉଛି। ଯାହାକୁ ନେଇ ଜିଲାର ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ତେଣୁ ଜିଲାରେ ଶିକ୍ଷାର ବିକାଶ କ୍ଷେତ୍ରରେ କେଉଁଠାରେ ସମସ୍ୟା ରହିଛି ତାହାର ସମୀକ୍ଷାର ବେଳ ଆସିଛି ବୋଲି ମତ ପ୍ରକାଶ ପାଉଛି।

# 'ସି-ଟିମ୍'ର ଥିମ୍ ସଙ୍ଗ୍ ଉଦ୍‌ଘାଟିତ




ସଙ୍ଗୀତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ପି ସାରା ଶର୍ମା, ପୋଲିସ ଅଧିକାରୀ ଓ ସଙ୍ଗୀତ ସଂଯୋଜକ ଉପସ୍ଥିତ ଅଛନ୍ତି।

ପାରଳାଖେମୁଣ୍ଡି, ୨୫।୬ (ସ୍ୱପ୍ର)

ମହିଳାଙ୍କୁ ସୁରକ୍ଷା ଯୋଗାଇବା ଲକ୍ଷ୍ୟନେଇ ଗଜପତି ପୋଲିସ ପକ୍ଷରୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସହଯୋଗରେ ପ୍ରଥମଥର ପାଇଁ କାର୍ଯ୍ୟକାରୀ ହେବାକୁ ଯାଉଛି ସି-ଟିମ୍ ପ୍ରୋଜେକ୍ଟ। ସୋମବାର ଏହାର ଲୋଗୋ ଉନ୍ମୋଚିତ ହୋଇଥିବାବେଳେ ମଙ୍ଗଳବାର ଟିମ୍‌ର ଥିମ୍ ସଙ୍ଗ୍ (ସଙ୍ଗୀତ) ପାରଳାଖେମୁଣ୍ଡିସ୍ଥିତ ଆଦର୍ଶ ଥାନା ପରିସରରେ ଉଦ୍‌ଘାଟିତ ହୋଇଛି। ଏହି ସଙ୍ଗୀତକୁ ଏସ୍‌ପି ସାରା ଶର୍ମା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ସଙ୍ଗୀତଜ୍ଞ ଗୁରୁ ରଘୁନାଥ ପାତ୍ର ସଙ୍ଗୀତର ସଂଯୋଜନା କରିଛନ୍ତି। ସି-ଟିମ୍ ପ୍ରୋଜେକ୍ଟର ଉଦ୍ଦେଶ୍ୟ ବିଷୟରେ ଲୋକଙ୍କୁ ଜାଗ୍ରତ କରାଇବା ଏହି ସଙ୍ଗୀତର ମୂଳ ଲକ୍ଷ୍ୟ। ୨୮ ତାରିଖରୁ ଜିଲାରେ ଏହି ପ୍ରୋଜେକ୍ଟ କାଯ୍ୟକାରୀ ହେବ। ଓଡିଶାରେ ପ୍ରଥମ ଥର ପାଇଁ ପାରଳାଖେମୁଣ୍ଡି ସହରରେ ଏହା ଆରମ୍ଭ ହେବାକୁ ଯାଉଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ପ୍ରକାଶ ଜେନା, ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ରିଜର୍ଭ ପୋଲିସ ଅଧିକାରୀ ତମ୍ବରୁଧର ହନାଗା, ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।




ରାୟଗଡ଼ାରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ରାୟଗଡ଼ା କଲେଜରେ ଆଲୋଚନାଚକ୍ର

ରାୟଗଡା ଅଫିସ୍, ୨୫।୬

ଓଡ଼ିଶାରେ ରାଜନୀତି, ବିକାଶ ଓ ଅନୁନ୍ନତ ଗୋଷ୍ଠୀ ସମ୍ବନ୍ଧୀୟ ୨ଦିନିଆ ଜାତୀୟସ୍ତରୀୟ କର୍ମଶାଳା ସ୍ଥାନୀୟ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ପ୍ରଫେସର ମନୋରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ୨୦୩୬ ସୃଜନଶୀଳ ସମାଜରେ ପରିକଳ୍ପନା ବିଷୟରେ ମତବ୍ୟକ୍ତ କରିଥିଲେ । ଭୌଗୋଳିକ ଦୃଷ୍ଟିକୋଣ ଅନୁସାରେ ଓଡ଼ିଶାର ବିଭିନ୍ନ ଜିଲାର କିପରି ଉନ୍ନତି ହୋଇପାରିବ ସେ ବିଷୟରେ ନିଜର ମତ ରଖିଥିଲେ । ବର୍ତ୍ତମାନର ରାଜନୀତିରେ ବାମପନ୍ଥୀ, ସମାଜବାଦୀ ଓ ଗାନ୍ଧୀବାଦୀ ବିଫଳ ହୋଇଥିବା ଯୋଗୁ ବର୍ତ୍ତମାନର କେନ୍ଦ୍ର ସରକାର ବହୁମତ ପାଇବାରେ ସଫଳ ହୋଇଥିଲେ । ତେଣୁ ଲୋକମାନଙ୍କୁ ହିଁ ନିଜର ସମସ୍ୟାର ସମାଧାନ ପାଇଁ ଓ ନିଜର ନ୍ୟାୟ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ପଡିବ। ଏକ ବିକଳ୍ପ ରାଜନୀତିର ସୃଷ୍ଟି କରିବାକୁ ପଡିବ। ଏହି ଆଲୋନାଚକ୍ରରେ ପ୍ରଫେସର ଅନନ୍ତ ଗିରି, ଅରବିନ୍ଦ ସୁସାରାଲା, ପ୍ରଫୁଲ୍ଲ ସାମନ୍ତରାୟ, ସ୍ୱର୍ଣ୍ଣମୟୀ ତ୍ରିପାଠୀ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରାଧ୍ୟାପକ ଯୋଗ ଦେଇଥିଲେ।

# ଅଖିଳ ଭାରତ କିଷାନ ମଜଦୁର ସଭା ତରଫରୁ ସ୍ମାରକପତ୍ର

ମୁନିଗୁଡା, ୨୫।୬ (ଡି.ଏନ୍.ଏ.)



ଅଖିଳ ଭାରତ କିଷାନ ମଜଦୁର ସଭା କମିଟି ପକ୍ଷରୁ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅଖିଳ ଭାରତ କିଷାନ ମଜଦୁର ସଭା କମିଟି ପକ୍ଷରୁ ୮ ଦଫା ଦାବି ନେଇ ଏକ ସ୍ମାରକପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । କମିଟି ଜିଲା ସଭାପତି ହରିବନ୍ଧୁ କାଡ୍ରାକା ଓ ସମ୍ପାଦକ ସୁବାସ କୁଲେସିକାଙ୍କ ନେତୃତ୍ୱରେ ସ୍ଥାନୀୟ ମୁନିଖୋଲ ଛକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ବ୍ଲକର ଭୂମିହୀନ ଲୋକଙ୍କୁ ଜମି ଓ ଘରଡିହ ପଟ୍ଟା ପ୍ରଦାନ କରାଯାଉ, ଜଙ୍ଗଲ ଜମିରେ ଚାଷ କରି ରହୁଥିବା ଲୋକଙ୍କ ଜଙ୍ଗଲ ଅଧିକାର ଆଇନ୍ ମୁତାବକ ଜଙ୍ଗଲ ଜମି ପଟ୍ଟା ଦିଆଯାଉ, ରାଜ୍ୟରେ ଭାଗଚାଷୀମାନଙ୍କୁ ଆଇନ୍‌ଗତ ଅଧିକାର ଓ ଜମିମାଲିକଙ୍କ ପରି ସେମାନଙ୍କୁ ଚାଷ କରିବା ପାଇଁ ସମସ୍ତ ସରକାରୀ ସୁବିଧା ସୁଯୋଗ, ବ୍ୟାଙ୍କ ଋଣ ଏବଂ ପ୍ରାକୃତିକ ଦୁର୍ବିପାକ ସମୟରେ କ୍ଷତିପୂରଣ ଦିଆଯାଉ, କୃଷି ଶ୍ରମିକମାନଙ୍କୁ ବର୍ଷସାରା କାମ ଓ ସାମାଜିକ ସୁରକ୍ଷା ପ୍ରଦାନ, ସବୁଚାଷ ଜମିକୁ ଜଳସେଚନ, ଚାଷୀଙ୍କୁ କୃଷିଋଣ, ରିହାତି ମୂଲ୍ୟରେ ବିହନ ଓ ସାର ଯୋଗାଇବା, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କ ପାଇଁ ମାସିକ ସର୍ବନିମ୍ନ ପାଞ୍ଚ ହଜାର ଟଙ୍କ ପେନ୍‌ସନ୍ ଯୋଗାଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ସିସି ତାଲିକାରୁ ବଞ୍ଚିତ ଗୃହହୀନ ଲୋକଙ୍କୁ ତୁରନ୍ତ ଗୃହ ଯୋଗାଇବା, ବିଦ୍ୟୁତ୍ ସଂଯୋଗରୁ ବାଦ ପଡିଥିବା ଗ୍ରାମବାସୀଙ୍କୁ ତୁରନ୍ତ ମାଗଣାରେ ବିଦ୍ୟୁତ୍ ସଂଯୋଗ ଦେବା ଆଦି ଦାବି କରିଛନ୍ତି । ସ୍ମାରକପତ୍ର ପ୍ରଦାନ ସମୟରେ କମିଟି ସଦସ୍ୟ ଗଣେଶ ନାକେସିକା, କଳିଙ୍ଗ ଜାଲିକା, ନରେଶ ସୁନୀ, ତୁକଦାର ଶବର, ଶୁଭଦ୍ରା ବୁରିକା, ସୁକୁମାରୀଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।